ଆଜିର ଅଣ୍ଡା/ଚିକେନ ଦର

ଅଣ୍ଡା ଦର
୨. ୪.୩୫/-

NECC BERHAMPUR ZONE

ଚିକେନ୍ ଦର

ମୟୂରଭଞ୍ଜ	୧୩୩.୦୦	ଝାଡ଼ଶା	୧୨୫.୦୦
ବାଲେଶ୍ୱର	୧୩୩.୦୦	ବୁଢ଼ୁମୁଡ଼ି	୧୧୫.୦୦
ବଡ଼ଚଣା	୧୩୧.୦୦	କରଞ୍ଜିଆ	୧୨୪.୦୦
କେନ୍ଦୁଝର	୧୨୮.୦୦	ଚେତନାଗଡ଼	୧୨୫.୦୦
ସାରସୁଗା	୧୨୮.୦୦	ଅନୁଗୁଳ	୧୨୪.୦୦
ବଡ଼ବିଲ	୧୨୮.୦୦	ବଲାଙ୍ଗୀର	୧୨୦.୦୦
ରାଉରକେଲା	୧୨୫.୦୦	ସମ୍ବଲପୁର	୧୨୦.୦୦
ଭୁବନେଶ୍ୱର	୧୨୫.୦୦		

ODISHA POULTRY INTEGRATORS

ଥମୁନି ହଙ୍ଗାମା, ବିଧାନସଭା ଅଚଳ

- ପ୍ରଶ୍ନକାଳ, ଶୂନ୍ୟକାଳ କମ୍ପାଇଲେ, ପରାହୁରେ କକ୍ଷତ୍ୟାଗ
- ରାଜ୍ୟପାଳଙ୍କୁ ଭେଟିଲେ ମିଳିତ ବିରୋଧୀ ଦଳ

ଲୋକଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ସହ ବିରୋଧୀ ଦଳର ବିଧାୟକମାନେ

ଭୁବନେଶ୍ୱର,୩୦ମାର୍(ବ୍ୟୁରୋ): ତିନି ଦିନ ବୁଟି ପରେ ବିଧାନସଭା ଖୋଲିଲା । ହେଲେ ଚିତ୍ର ବଦଳିଲାନି । କଙ୍କଳ ଏସ୍‌ସିବି ଅଗ୍ନିକାଣ୍ଡ ତାରିରେ ପ୍ରଶ୍ନକାଳ, ଶୂନ୍ୟକାଳ ସବୁ ଗଲା । ଅପରାହ୍ନ ଅଧିବେଶନରେ କକ୍ଷତ୍ୟାଗ କଲେ ବିରୋଧୀ ଦଳ । ଯାଇ ଫେରାଣ ହେଲେ ରାଜ୍ୟପାଳଙ୍କୁ ।

ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ଅଟଳ । ଲଗାତାର ଭାବେ ବିଧାନସଭାରେ ମାଗାଉଛି, ହଙ୍ଗାମା ଜାରି ରଖିଛନ୍ତି । ଗତ ୧୭ ତାରିଖରୁ ପ୍ରତିବାଦ ଆରମ୍ଭ ହୋଇଥିଲା । ଆଜି ନବମ ଦିନରେ ମଧ୍ୟ ସ୍ୱରରେ ଅଚଳାବସ୍ଥା ଜାରି ରହିଲା । ସୋମବାର ସ୍ୱର କାର୍ଯ୍ୟ ଆରମ୍ଭରେ ଦିବଂଗତ ପୂର୍ବତନ ସଦସ୍ୟ ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲେ । ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ ସହ ସମସ୍ତେ ଶୋକାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ପ୍ରଶ୍ନକାଳ ଆରମ୍ଭ ହୋଇଥିଲା । ଏଲଠୁ ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ବିଧାୟକ ଗୃହ ମଝିକୁ ଆସି ଆରମ୍ଭ କଲେ ମାଗାବାଳି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସ୍ଲୋଗାନ କେଇ ବିରୋଧୀ ଗୃହ କମ୍ପାଇଲେ । ଫଳରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ଟା ୪୬ ରୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଶୂନ୍ୟକାଳରେ ଗୃହକାର୍ଯ୍ୟ ଆରମ୍ଭରୁ ସମାନ ଢଙ୍ଗରେ ବିରୋଧୀ ଦଳ ହଙ୍ଗାମା ଜାରି ରଖିଥିଲେ । ବିଜେଡି ବିଧାୟକ ପ୍ରତାପ ଚନ୍ଦ୍ର ମାୟକ, ଅଶୋକ ମହାନ୍ତି, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ବିରୋଧୀ ଦଳର ଆଚରଣକୁ ନିନ୍ଦା କରିଥିଲେ । କହିଥିଲେ, ବିରୋଧୀ ହଙ୍ଗାମୋ କରି ଗୃହକୁ ଅଚଳ କରିବା ଦ୍ୱାରା ଲୋକଙ୍କ ସମସ୍ୟା ନେଇ ଆଲୋଚନା ହୋଇପାରୁନାହିଁ ।

ଗୃହକୁ ସ୍ଥାଗିତିବ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିବା ସହ ୧୧ଟା ୫୬ରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ମୁଲତବୀ ରଖିଛିଲେ । ଏହାପରେ ଗୃହକୁ ୧୦ ମିନିଟ ଲେଖାଏଁ ବୁଲ ଥର ମୁଲତବୀ କରାଯାଇଥିଲା । କୌଣସି ନିଷ୍କର୍ଷ ନ ବାହାରିବା ଉପରାନ୍ତରେ ଭରାଗୀ ଶଙ୍କର ଲୋଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଛିଲେ । ଅପରାହ୍ନରେ ବି ବିରୋଧୀ ଦଳ ଗୃହକୁ ଆସି ହଙ୍ଗାମା କରିଥିଲେ । ୪ଟା ୧୧ରେ ବିରୋଧୀ ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ବିନା ବିରୋଧୀ ଦଳରେ ଆଜି ବି ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା ।

ବିଧାନସଭାରୁ ବାହାରି ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ବିଧାୟକ ଏଣାଡି ପାଇଥିଲେ ଲୋକଭବନକୁ । ରାଜ୍ୟପାଳଙ୍କୁ ଚାରିଜଣ ଦଫା ଦାବିପତ୍ର ଦେଇଥିଲେ । ଗଣମାଧ୍ୟମରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଟାମ କହିଥିଲେ, ଏସ୍‌ସିବିରେ ନିଆଁ ଲାଗି ମ୍ୟାଜଣକ ଜୀବନ ଗଲା । କିନ୍ତୁ, ସରକାର ଏ ଘଟଣାକୁ ଅତି ହାଲୁକା ଭାବେ ନେଇଛନ୍ତି । ତେଣୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ବୁଢ଼ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ବରଖାସ୍ତ କରାଯିବା ସହ ମୃତକଙ୍କ ପରିବାରକୁ ୧ କୋଟି ଲେଖାଏଁ କ୍ଷତିପୂରଣ ପ୍ରଦାନ, ଆହତଙ୍କୁ ମାଗଣା ଚିକିତ୍ସା ଏବଂ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ହଣ୍ଡିଗଲ ସ୍ପୁରମିଟେଣ୍ଡେଣ୍ଟଙ୍କୁ ଗିରଫ କରିବା ସହ ସମସ୍ତ ଘୋଷାଙ୍କ ବିରୋଧରେ ଆଇନରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ସମସ୍ତ ହଣ୍ଡିଗଲର ଅଗ୍ନି ନିରାପତ୍ତା ଅଡିଟ କରିବାକୁ ଦାବି କରାଯାଇଛି । ଏନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ।

ପାରିତ ହେଲା ବଜେଟ

- ଗିଲୋଟିନରେ ୨୩, ଆଲୋଚନା ହେଲା ୧୮ ବିଭାଗ
- ଆଜି ବ୍ୟୟମଞ୍ଜୁରି ବିଲ

ଭୁବନେଶ୍ୱର,୩୦ମାର୍(ବ୍ୟୁରୋ): ସୋମବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ୍ ପାରିତ ହୋଇଛି । ଗାଳ୍ପର ମୋଟ ୪୯ଟି ବିଭାଗ ମଧ୍ୟରୁ ୧୮ଟି ବିଭାଗ ଗୃହରେ ଆଲୋଚନା ହୋଇ ବିଧିବଦ୍ଧ ଭାବେ ପାରିତ ହୋଇଥିବା ବେଳେ ବାକି ୨୩ଟି ବିଭାଗର ଆଲୋଚନା ହୋଇପାରିନଥିବାରୁ ଖର୍ଚ୍ଚ ଦାବି ଗିଲୋଟିନ୍‌ରେ ପାରିତ ହୋଇଛି । ସରକାରୀ ବିଲ ମୁଖ୍ୟ ସଚେତକ ସରୋଜ ଜୁମାର ପ୍ରଧାନ ଗିଲୋଟିନରେ ପାରିତ ପାଇଁ ଆବେଦନ କରିବା ପରେ ବାଚସ୍ପତି ସୁରମା ପାଢ଼ୀ ବାଚନିଙ୍କ ଭୋଟ୍‌ରେ ପାରିତ କରିଛିଲେ । ମଙ୍ଗଳବାର ଗୃହରେ ବ୍ୟୟମଞ୍ଜୁରି ବିଲ୍ ଆଗତ ହେବ । ଏଥିରେ ବିରୋଧୀ ଦଳ ଆଲୋଚନାରେ ଭାଗ ନେବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ନିବେଦନ କରିଛନ୍ତି ।

ଅପରପକ୍ଷେ ଆଇନ, ଅର୍ଥ ବିଭାଗ, ବାଣିଜ୍ୟ, ଓଡ଼ିଶା ବିଧାନସଭା ସମ୍ବନ୍ଧୀୟ ଖର୍ଚ୍ଚ, ଜ୍ଞାନ୍ତା ଓ ଯୁବସେବା, ଯୋଜନା ଓ ସଂଯୋଜନ, ସାଧାରଣ ଅଭିଯୋଗ ଓ ପେନସନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସମ୍ପର୍କ, ଅବକାରୀ, ବିଜ୍ଞାନ ଓ ବୈଷୟିକ, ସଂସଦୀୟ ବ୍ୟାପାର, ଶକ୍ତି, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ପର୍ଯ୍ୟଟନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ସରକାରୀ ଉଦ୍ୟୋଗ, ଲଜେଲ୍ଜେମିନ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଖର୍ଚ୍ଚ ଦାବି ଗୃହରେ ଆଲୋଚନା ହୋଇପାରିନଥିବା ବେଳେ ଗିଲୋଟିନ୍‌ରେ ପାରିତ ହୋଇଥିଲା ।

ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ବିଧାନସଭାରେ ଶୋକ

ପୂର୍ବତନ ବିଧାୟକ ତଥା ସାଂସଦ ନାରାୟଣ ସାହୁଙ୍କ ପରଲୋକ ନେଇ ବିଧାନସଭାରେ ଶୋକାଞ୍ଜଳି ଅର୍ପଣ କରାଯାଇଛି । ସୋମବାର ସ୍ୱର କାର୍ଯ୍ୟ ଆରମ୍ଭରେ ଜପସୁର୍ଯ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଶ୍ରୀମତୀ ପରିଡ଼ା କହିଥିଲେ, ଅନୁଗୁଳ ଜିଲ୍ଲାର ପର୍ଜଙ୍ଗର ଗୋହୁଲଭଣ୍ଡେଶୀ ଗାଁରେ ଜନ୍ମିତ ଏହି ବର୍ଷିଆନ ନେତା ପ୍ରଥମେ ପର୍ଜଙ୍ଗ ପଞ୍ଚାୟତ ସମିତିର ସଭାପତି ଭାବେ ରାଜନୀତି ଯାତ୍ରା ଆରମ୍ଭ କରିଥିଲେ । ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ୧୯୭୧ ଓ ୧୯୭୪ରେ ବିଧାୟକ ହେବା ସହ ଦେବଗଡ଼ରୁ ୧୯୮୦ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କର ବିଶେଷ ଗୁଣ ଥିଲା ସେ ଅଧ୍ୟୟନକୁ ବୟସ ସହିତ ଯୋଡ଼ି ନଥିଲେ । ପଣ୍ଡିତ ବୟସରେ ସେ ଗ୍ରାଜୁଏଶନ, ଏମ୍‌ଫିଲ୍ ଏବଂ ୮୨ ବର୍ଷ ବୟସରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ । ସେ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ଯାହା ଏକ ଗାଳନୈତିକ ବ୍ୟକ୍ତିତ୍ୱବିଶେଷଜ୍ଞ କ୍ଷେତ୍ରରେ କରିବା ଅସମ୍ଭବ । ସେ ଅତ୍ୟନ୍ତ ପରୋପକାରୀ ଏବଂ ମୋକାପି ଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ସ୍ମୃତିଚାରଣ କରିବା ସହ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛିଲେ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଟାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ରାଜକିଶୋର ପୁରୋଣା ପାଢ଼ୀ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛିଲେ । ଦିବଂଗତ ଶ୍ରୀ ସାହୁଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ମନୋରମାଙ୍କ ସହ କଥା ହେଲେ ନବୀନ

ବିଧାୟିକାଙ୍କ ଘରେ ଆକ୍ରମଣ ଅଗଣତାନ୍ତ୍ରିକ

ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀଙ୍କ ନାମରେ ହୋଇଥିବା ଅଭିଯୋଗ ଓ ପୁଲିସର ତତ୍ପରତାକୁ ନେଇ ରାଜନୀତି ଏବେ ଗୋରୁରାଗ । ରବିବାର ବିଧାୟିକାଙ୍କ ଭୁବନେଶ୍ୱର ବାସଭବନରେ ଭେଟିଙ୍ଗ ପୁଲିସ ତତ୍ପରତା କରିଥିବାବେଳେ ଏହାକୁ ନେଇ ବିଧାୟିକା ସାମ୍ବାଦିକ ସମ୍ମିଳନୀ କରି ପୁଲିସ ବିରୋଧରେ ବର୍ଷିଆଇଲେ । ତାଙ୍କ ଘରେ ପୁଲିସ ଆକ୍ରମଣ କରିବା ସହ ଆତଙ୍କ ଖେଳଇଥିବା ଅଭିଯୋଗ କରିଥିଲେ । ସୋମବାର ଏ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି, ବିଧାୟିକାଙ୍କ ବାସଭବନରେ ଏଭଳି ଆକ୍ରମଣ ଅଗଣତାନ୍ତ୍ରିକ । ଏହାସହ ବିଧାନସଭା ପରିସରରେ ନବୀନ ଏ ପ୍ରସଙ୍ଗ ନେଇ ନର୍ଲା ବିଧାୟିକାଙ୍କ ସହ ବେଶ୍ କିଛି ସମୟ କଥା ହୋଇଥିବା ଦେଖିବାକୁ ମିଳିଥିଲା ।

ସ୍ୱାସ୍ଥ୍ୟବୀମା ଯୋଜନାରୁ ୧୦ ହସ୍ପିଟାଲ ବାଦ

ଆୟୁଷ୍ମାନ ଭାରତ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଗୋରେ ଅବହେଳା କରାଯାଇଛି । ଏନେଇ ୫୬ଟି ଅଭିଯୋଗ ହୋଇଛି । ଏହା ଉପରେ ସମୀକ୍ଷା କରି ଭାରତ ବର୍ଣ୍ଣାଶ ମେଡିକାଲ କଲେଜ ହସ୍ପିଟାଲକୁ ୧୦ ଘରୋଇ ହସ୍ପିଟାଲକୁ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନାରୁ ବାହାର କରିଦିଆଯାଇଛି । ଗୋଟିଏ ହସ୍ପିଟାଲକୁ ଆର୍ଥିକ ଦଣ୍ଡ ଦିଆଯାଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାୟକ ସାଗର ଚରଣ ଦାସଙ୍କ ପ୍ରଶ୍ନ ଉପରେ ଲିଖିତ ଉତ୍ତର ରଖିଛନ୍ତି ।

୫୦ ହଜାର ଗ୍ରାମରେ ମୋବାଇଲ ସେବା ଯୋଗାଇବା କାର୍ଯ୍ୟ ଚାଲିଛି

ଭୁବନେଶ୍ୱର,୩୦ମାର୍(ବ୍ୟୁରୋ): ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗର ଡିଜିଟାଲ ଭାରତ ନିଧି (ଡିଓଟି)ଠାରୁ ପ୍ରାପ୍ତ ସୂଚନା ଅନୁସାରେ, ଓଡ଼ିଶାରେ ମୋଟ ୫୧ ହଜାର ୧୭୬ଟି ଗ୍ରାମ ମଧ୍ୟରୁ ୪୯ ହଜାର ୯୩୯ଟିରେ ଡିଓଟି ଅନ୍ତର୍ଭୁକ୍ତ କରାଯାଇ ମୋବାଇଲ ସେବା ଯୋଗାଇବା କାର୍ଯ୍ୟ ଚାଲିଛି । ଏହାକୁ ଜୁନ୍ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାନସଭାରେ ଇଲେକ୍ଟ୍ରନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାୟକ ସାଗର ଚରଣ ଦାସଙ୍କ ପ୍ରଶ୍ନ ଉପରେ ଲିଖିତ ଉତ୍ତର ରଖିଛନ୍ତି ।

ମହୁମାଛି ଦଂଶନରେ ବୃଦ୍ଧ ମୃତ, ୧୫ ଆହତ

ଝରିଗାଁ,୩୦ମାର୍(ଆଗ): ମହୁମାଛି ଦଂଶନରେ ଝରିଗାଁ ଥାନା ଚଗା ପଞ୍ଚାୟତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ରୁ ଅଧିକ ଆହତ ହୋଇଛନ୍ତି । ମୃତକ ହେଲେ ଗାଁର ପାତବାସ ମାଝୀ(୬୫) । ତାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି ।

ସୋମବାର ଗାଁରେ ମାଁ'ଜଗତଦନନାଙ୍କ କଳସ ଯାତ୍ରା ଚାଲିଥିବା ବେଳେ ଜଗତଦନ ନିକଟରେ ଜଣେ ବ୍ୟବସାୟୀଙ୍କ ଘରେ ବସା ବାନ୍ଧିଥିବା ମହୁମାଛି ହଠାତ୍ ଦଂଶନ କରିଥିଲା । ମହୁମାଛିଙ୍କ ଦଂଶନରେ ପାତବାସ ଗୁରୁତର ହୋଇପଡିଥିଲେ । ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଘୋଟରେ ଡାକ୍ତର ମୃତ ଘୋଷଣା କରିଥିଲେ । ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଜଣାପଡିଛି । ଅବ୍ୟପରେଷ ମୃତକଙ୍କ ସମ୍ପର୍କୀୟ ପମୁ ସୋନା ଥାମରେ ଲିଖିତ ଅଭିଯୋଗ କରିଛନ୍ତି । ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି । ପାତବାସଙ୍କ ୨ ଝିଅ ଓ ପତ୍ନୀ ଅଛନ୍ତି । ବଡ଼ ଝିଅ ବାହା ହୋଇଥିବା ବେଳେ ଅନ୍ୟ ଝିଅ ବିଦ୍ୟାଳୟ ଛାତ୍ରୀଛାତ୍ରୀ ଘରେ ରହୁଛନ୍ତି । ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି ।

ରାଜ୍ୟରେ ଜୀବନ ରକ୍ଷାକାରୀ ସେବାରୁ କେହି ବଞ୍ଚିତ ହେବେନି

ଶୀଘ୍ର ୧୦୦୦ ଉନ୍ନତ ଆଇସିୟୁ ଶଯ୍ୟା

- ହେବ ୫୦୦ ହାଇ ଡିପେଣ୍ଡେନ୍ସି ୟୁନିଟ୍, ଅଗ୍ନି ନିରାପତ୍ତା ପାଇଁ ୪୭୬ କୋଟି
- ମେଡିକାଲ୍ କଲେଜ ଓ ଜିଲ୍ଲା ମୁଖ୍ୟାଳୟରେ ୫ହଜାର ଆଇପିଡି ଶଯ୍ୟା
- ଏସ୍‌ସିବି ପୁନଃବିକାଶ ପାଇଁ ୧୦୦୦ କୋଟି, ହେବ ନୂଆ ୧୮୦୦ ଶଯ୍ୟା
- ୫୨୪୮ ସ୍ୱାସ୍ଥ୍ୟ ଅଧିକାରୀ, ୫୯୮୯ ନର୍ସିଂ ପଦବି ପୂରଣ ହେବ
- ବିଜେଡି ଶାସନ ବେଳେ କେତେ ଜଣ ମନ୍ତ୍ରୀ ଇସ୍ତଫା ଦେଇଥିଲେ ?

ଭୁବନେଶ୍ୱର,୩୦ମାର୍(ବ୍ୟୁରୋ): ରାଜ୍ୟରେ ଜୈବିକସହ ବ୍ୟକ୍ତି ଜୀବନ ରକ୍ଷାକାରୀ ସେବାରୁ ବଞ୍ଚିତ ହେବେନି । ଏହାକୁ ନିଶ୍ଚିତ କରିବା ପାଇଁ ସରକାର ରେଣ୍ଟିଲେଟର ଏବଂ କେନ୍ଦ୍ରୀୟ ମନିଟରିଙ୍ଗ ସହିତ ୨ ହଜାର ଉନ୍ନତ ଆଇସିୟୁ ଶଯ୍ୟା ସହିତ ଗୁରୁତ୍ୱପୂର୍ଣ୍ଣ ଯତ୍ନ ପାଇଁ ୫୦୦ ହାଇ ଡିପେଣ୍ଡେନ୍ସି ୟୁନିଟ୍ (ଏଚଡିୟୁ) ଶଯ୍ୟା ହେବ । ରାଜ୍ୟରେ ଜୈବିକସହ ଲୋକ ଆଉ ଡାକ୍ତରଖାନାରେ ଶଯ୍ୟା ପାଇଁ ହଇରାଣ ହେବେନି । ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୫୦୦୦ ଆଇପିଡି ଶଯ୍ୟା ହେବ । ଏହା ବ୍ୟତୀତ ଏସ୍‌ସିବି ମେଡିକାଲ କଲେଜ ଏବଂ ହଣ୍ଡିଗଲରେ ୧୮୦୦ ଶଯ୍ୟା ସୃଷ୍ଟି କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ।

ପୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ, ଗତ ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଧାନସଭାକୁ ଅଚଳ କରିଦେବା ଭଳି ଚ୍ଛିତି ପୂର୍ବରୁ କେତେ ଦେଖା ଯାଇନଥିଲା । ଗଣତନ୍ତ୍ରରେ ପୂର୍ବରୁ କେବେ ଏଭଳି ହୋଇନଥିଲା । ମନ୍ତ୍ରୀଟିଏ ଜୌଣସି ପ୍ରସଙ୍ଗରେ ଉତ୍ତର ରଖିବା ପରେ ଏହି ପ୍ରସଙ୍ଗକୁ ନେଇ ଆଉ ଆଲୋଚନା ଛେଡନଥିଲା । ତେବେବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏସ୍‌ସିବି ପ୍ରସଙ୍ଗରେ ଗୃହ ଭିତରେ ଓ ବାହାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ହେଲେ ଗାଁକ ଶାସନ କାଳରେ ଗତ ୫ ବର୍ଷରେ କେତେ ଜଣ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ଯେଉଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା କଥା କହୁଛନ୍ତି ତାର ଭିତିରି କଥା ମୁଁ କହିବାକୁ ଚାହୁଁନାହିଁ । ବିରୋଧୀ ଦଳ ନେତା ଏଭଳି ବକ୍ତବ୍ୟ ରଖି ଓଡ଼ିଶାବାସୀଙ୍କ ଆଗରେ ନିଜର ଗୁରୁତ୍ୱ ହଗାଉଛନ୍ତି । ଗତ ୨୪ ବର୍ଷରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅବହେଳିତ ହୋଇପଡିଥିଲା । ଏଥିପାଇଁ ଜୌଣସି ବଜେଟ୍ ନଥିଲା ବୋଲି ଡ. ମହାଲିଙ୍ଗ ବିଜେଡି ଉଦ୍ଦେଶ୍ୟରେ କହିଥିଲେ ।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଅଗ୍ନି ନିରାପତ୍ତା ପାଇଁ ବିଶେଷ ବ୍ୟବସ୍ଥା ନଥିବା ବେଳେ ଏବେ ଅଗ୍ନି ନିରାପତ୍ତା ଓ ସୌରଶକ୍ତି ପାଇଁ ୪୭୬.୭୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏସ୍‌ସିବି ମେଡିକାଲ୍ କଲେଜ ଓ ହଣ୍ଡିଗଲର ପୁନଃବିକାଶ ପାଇଁ ୧୦୦୦ କୋଟି ଖର୍ଚ୍ଚ ହେବ । ଏମ୍‌କେସିଜି ମେଡିକାଲ କଲେଜ ଏବଂ ବୁର୍ଲାର ଜିମସାରର ବିକାଶ ପାଇଁ ୬୦୦ କୋଟି ବ୍ୟୟବରାଦ ରହିଛି । ରାଜପତି, ମାଲକାନଗିରି ଏବଂ ଗାୟତ୍ରୀରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ୍ କଲେଜ ହେବ । ନୂଆପଡ଼ା ଏବଂ ନୟାଗଡ଼ରେ ୨ଟି ନୂଆ ହୋମିଓପାଥି ମେଡିକାଲ୍ ପ୍ରତିଷ୍ଠା ପାଇଁ ୧୪୦ କୋଟିର ବ୍ୟୟବରାଦ କରାଯାଇଛି । ଡିଡ଼ିଶା ଫାର୍ମା ଆଣ୍ଡ ବାୟୋଟେକ୍ ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ସେଣ୍ଟର ଆରମ୍ଭ କରାଯିବ । ସରକାରୀ ଔଷଧ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ସଂଘରେ କ୍ଷମତା ବୃଦ୍ଧି କରିବା ପାଇଁ ଦେଖୁଛୁ ଓଏସ୍‌ଏମ୍‌ଏଲ୍ ଦ୍ୱାରେ ହାଉଜ୍ ପ୍ରତିଷ୍ଠା ହେବ । ଭୁବନେଶ୍ୱର ଏବଂ ସମ୍ବଲପୁରରେ ସରକାରୀ ଔଷଧ ପରୀକ୍ଷଣ ପ୍ରୟୋଗଶାଳାର ଉନ୍ନତି କରାଯିବ । ଓଡ଼ିଶାକୁ ଦେଶର ଫାର୍ମା ରାଜଧାନୀ କରାଯିବ । ରାଜ୍ୟରେ ୫୨୪୮